**କୋଭିଡ୍ ଯୋଦ୍ଧା ସମ୍ବର୍ଦ୍ଧିତ**

କୃଷ୍ଣପ୍ରସାଦ,୧୬।୧୧(ଡି.ଏନ୍.ଏ.): କୃଷ୍ଣପ୍ରସାଦ ବ୍ଲକ କଂଗ୍ରେସ ପକ୍ଷରୁ ସୋମବାର କୋଭିଡ୍ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଚିଲିକା ନୂଆପଡ଼ାସ୍ଥିତ ମା' ବନଦୁର୍ଗାଙ୍କ ପୀଠରେ ବ୍ଲକ କଂଗ୍ରେସ ସଭାପତି ସଞ୍ଜୟ କୁମାର ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କୋଭିଡ୍ ଯୋଦ୍ଧା ଭାବେ କୃଷ୍ଣପ୍ରସାଦ ଥାନା ଆଇଆଇସି ଅଭିମନ୍ୟୁ ନାୟକ ଏବଂ ଅଗ୍ନିଶମ ଅଧିକାରୀ ସୌମ୍ୟରଞ୍ଜନ ପରିଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଂଗ୍ରାମ କେଶରୀ ଜେନା, ବୁଲୁ ଦାଶ, ଖଗେଶ୍ୱର ଜେନା, ବିଜ୍ଞାନ ନାୟକ, ନରେଶ ସ୍ୱାଇଁ, ସୁକାନ୍ତ ପ୍ରଧାନ, ଛୋଟା ପାହାଣ,ବସନ୍ତ କୁମାର ଜେନା, ଗୌତମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବେତନ ଅନୁଯାୟୀ ପେନ୍‌ସନ ଧାର୍ଯ୍ୟ ଦାବି

ପୁରୀ ଅଫିସ୍,୧୬।୧୧: ଅଲ୍ ଓଡ଼ିଶା ଇପିଏଫ୍‌ଓ ପେନ୍‌ସନର୍ସ ଆସୋସିଏଶନ ପୁରୀ ଜିଲା କମିଟି ପକ୍ଷରୁ ସୋମବାର ଜିଲା ମୁଖ୍ୟ ପୋଷ୍ଟ ଅଫିସ ସମ୍ମୁଖରେ ଇପିଏଫ୍-୯୫ର ୨୫ବର୍ଷ ପୂର୍ତ୍ତି ଅବସରରେ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ବେସରକାରୀ ଅନୁଷ୍ଠାନର ଅବସରପ୍ରାପ୍ତ କର୍ମଚାରୀ ଯୋଗଦେଇଥିଲେ। ବେସରକାରୀ କର୍ମଚାରୀଙ୍କୁ ସାମାଜିକ ଓ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ସରକାର ଇପିଏଫ୍-୯୫ ଯୋଜନା ପ୍ରଚଳନ କରିଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ କର୍ମଚାରୀଙ୍କ ପ୍ରତି ଅବହେଳା ପ୍ରଦର୍ଶନ କରାଯାଉଛି ବୋଲି କୁହାଯାଇଥିଲା। ସର୍ବନିମ୍ନ ୯ ହଜାର ଟଙ୍କା ମହଙ୍ଗା ଭତ୍ତା ପ୍ରଦାନ, ବେତନ ଅନୁଯାୟୀ ପେନ୍‌ସନ ଧାର୍ଯ୍ୟ ଏବଂ କେନ୍ଦ୍ର ବା ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷିତ ସ୍ୱାସ୍ଥ୍ୟବୀମା ଯୋଜନାଭୁକ୍ତ ଦାବି ଉପସ୍ଥାପନ କରାଯାଇଥିଲା।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଯାଁଳା,୧୬।୧୧(ଡି.ଏନ୍.ଏ.): ଜଟଣୀ ଥାନା ଅଧୀନ ଯାଁଳା ପଞ୍ଚାୟତର ଦକ୍ଷିଣ ମୁଣ୍ଡମୁହାଣର ପ୍ରଶାନ୍ତ ମଙ୍ଗରାଜଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ପ୍ରଶାନ୍ତଙ୍କ ଅଭିଯୋଗକ୍ରମେ ଯାଁଳା ଫାଣ୍ଡି ପୋଲିସ ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ପ୍ରଶାନ୍ତ ଯାଁଳା ମେଡିକାଲ ଛକରେ ଛିଡ଼ା ହୋଇଥିବା ବେଳେ ହଠାତ୍ କେତେଜଣ ଯୁବକ ତାଙ୍କୁ ମାଡ଼ ମାରିବା ସହ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଜୀବନ ବଞ୍ଚାଇବାକୁ ଯାଇ ନିକଟସ୍ଥ ଯାଁଳା ଫାଣ୍ଡିକୁ ପଳାଇ ଆସିଥିଲେ। ତାଙ୍କୁ ଆହତ ଅବସ୍ଥାରେ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏ ସଂକ୍ରାନ୍ତରେ ଫାଣ୍ଡିରେ ଅଭିଯୋଗ ହୋଇଛି।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ମୃତ

ନିମାପଡ଼ା,୧୬।୧୧(ଡି.ଏନ୍.ଏ.): ନିମାପଡ଼ା ଥାନା ନାକଡିହ ଗ୍ରାମରେ ଶନିବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବିଜୟ କୁମାର ଜେନା(୫୪)ଙ୍କ ମୃତ୍ୟୁ ଘଟିଛି। ବିଜୟଙ୍କ ଭାଇଙ୍କ ଅଭିଯୋଗ ପରେ ପୋଲିସ ନଂ. ୨୬/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବିଜୟ ଶନିବାର ଅପରାହ୍ନରେ ନିଜ ଘର ବାଡ଼ିରେ ଧାନକଟା ମେଶିନରେ ଧାନ ଅମଳ କରୁଥିଲେ। ହଠାତ୍ ମେଶିନ୍‌ରୁ ତାଙ୍କୁ କରେଣ୍ଟ ମାରିବାରୁ ତଳେ ପଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ନିମାପଡ଼ା ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଡାକ୍ତରଖାନାକୁ ପଠାଇଥିଲା ।

### ସଙ୍ଗୀତ ଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି

ପୁରୀ ଅଫିସ,୧୬।୧୧:ସଙ୍ଗୀତ ଗୁରୁ ବିଶ୍ୱନାଥ ପୂଜାପଣ୍ଡା ସାମନ୍ତଙ୍କ ଦଶାହ ତିଥିରେ ସୋମବାର ସଙ୍ଗୀତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଦୋଳମଣ୍ଡପ ସାହିସ୍ଥିତ ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ମ୍ୟୁଜିକ ଏକାଡେମୀ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗୁରୁ ବାସୁଦେବ ଖୁଣ୍ଟିଆ, ଗୁରୁ ପାଗଳ ସ୍ୱାଇଁ, ଗୁରୁ ଗୌରାଙ୍ଗ ଚରଣ ଖୁଣ୍ଟିଆ, ଗୁରୁ ଚନ୍ଦ୍ରମଣି ଲେଙ୍କା, ଭାଗୀରଥି ପାଣିଗ୍ରାହୀ, ନିମାଇଁ ଚରଣ ଗିରି, ସୁଚରିତା ପ୍ରତିହାରୀ, ଅନ୍ନପୂର୍ଣ୍ଣା ତ୍ରିପାଠୀ, ସିପ୍ରା ମହାନ୍ତି ପ୍ରମୁଖ ବାଦ୍ୟ ଓ ସଙ୍ଗୀତରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ନଳିନୀକାନ୍ତ ନାୟକ, ଶଙ୍ଖମିତ୍ର ସିଂହାରୀ, ଶ୍ୟାମପ୍ରକାଶ ସେନାପତି ଏବଂ ଅବିନାଶ ପୂଜାପଣ୍ଡା ପରିଚାଳନା କରିଥିଲେ। ଦିବଙ୍ଗତ ପୂଜାପଣ୍ଡା ହେଉଛନ୍ତି ମହାପ୍ରଭୁଙ୍କ ଅଙ୍ଗଲାଗି ପୂଜାପଣ୍ଡା ସେବକ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଓଡ଼ିଶୀ ସଙ୍ଗୀତ ଶିଳ୍ପୀ।

### 'ଶିଶୁ ମନରେ ଦେଶଭକ୍ତି ଭରିଦିଅ'

ପୁରୀ ଅଫିସ, ୧୬।୧୧: ରେବତୀ ରମଣଠାରେ ଶନିବାର ମହାବୀର କ୍ଲବ ଏବଂ ବିବେକ ଭାରତ ମିଶନ ମିଳିତ ଆନୁକୂଲ୍ୟରେ ନେହେରୁ ଯୁବକେନ୍ଦ୍ରର ୪୮ତମ ପ୍ରତିଷ୍ଠା ଦିବସ ଓ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁବକେନ୍ଦ୍ରର ରାଜ୍ୟ ନିର୍ଦ୍ଦେଶକ ବିମଳ ପ୍ରତୀକ ସାହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁ ମନରେ ଦେଶଭକ୍ତି ଓ ଯୁବ ମନରେ ଦେଶପ୍ରେମ ଭରି ଦେବାକୁ ଆହ୍ୱାନ ଦେଇଥିଲେ। ଅଧ୍ୟାପକ ସୁଶାନ୍ତ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ସଂଗଠକ ବଦ୍ରି ମିଶ୍ର ମୁଖ୍ୟବକ୍ତା, ଜାତୀୟ ସେବା ସଂସ୍ଥା ଅଧିକାରୀ ଅକ୍ଷୟ ବରାଳ, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ଯୋଗଦେଇ ବିକଶିତ ଭାରତ ଗଠନ ପାଇଁ ଯୁବଗୋଷ୍ଠୀଙ୍କ ଭୂମିକା ସମ୍ପର୍କରେ କହିଥିଲେ। ଯୁବକେନ୍ଦ୍ର ସଂଯୋଜକ ଜୟଶଙ୍କର ଯୋଶୀ ସଭାପତିତ୍ୱ କରିଥିବାବେଳେ ପିଙ୍କି ଗୋଚ୍ଛାୟତ ଓ ସୁକାନ୍ତ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିଶୁ ପ୍ରତିଭାମାନେ ନୃତ୍ୟ ଓ ଯୋଗ ପ୍ରଦର୍ଶନ କରିଥିଲେ।

# ଚିଲିକା ଛାଡ଼ି ଗାଁ ମୁହାଁ ବିଦେଶୀ ପକ୍ଷୀ

**କଣାସ,୧୬।୧୧(ସ୍ୱ.ପ୍ର):**

ଶୀତଋତୁ ଆରମ୍ଭ ହୋଇଯାଇଥିବାରୁ ଚିଲିକାକୁ ବିଦେଶୀ ପକ୍ଷୀ ଆଗମନ ହେବାରେ ଲାଗିଛନ୍ତି। ଚିଲିକାକୁ ଆସୁଥିବା ଏବେ ଅଧିକାଂଶ ବିଦେଶୀ ପକ୍ଷୀ ଗାଁ ମୁହାଁ ହେଉଥିବାର ଦେଖିବାକୁ ମିଳିଛି। ଚିଲିକାର ନଳବଣରେ ଦଳ ଅଧିକ ରହିବା ଓ ଖାଦ୍ୟ ଅଭାବ ଯୋଗୁ ପକ୍ଷୀମାନେ ଉତ୍ତରନାଶୀ ନଇମୁହଁକୁ ଦଳଦଳ ହୋଇ ଖାଦ୍ୟ ଅନ୍ୱେଷଣରେ ଚାଲିଆସୁଛନ୍ତି। ନଈ ମୁହଁରେ ଜମା ହୋଇଥିବା କଳିକତି ଦଳ, କଇଁ ଫୁଲ, କୀଟପତଙ୍ଗ ଖାଇବା ପାଇଁ ପକ୍ଷୀମାନେ ବିଚରଣ କରୁଥିବା ଦେଖାଯାଇଛି। ସେହିପରି ଅନେକ ପକ୍ଷୀ ଉତ୍ତରନାଶୀର ଆଖପାଖ ଗ୍ରାମର ଧାନବିଲରେ ବିଚରଣ କରୁଥିବା ଦେଖାଯାଉଛି। ପାଚିଲାଧାନ, ପୋକଜୋକ ଖାଇବା ପାଇଁ ଏହି ପକ୍ଷୀମାନେ ଆସୁଥିବା ଜଣାପଡିଛି। ହେଲେ ଏହାର ସୁଯୋଗ ନେଇ ପକ୍ଷୀ ଶିକାରୀମାନେ ଉତ୍ତରନାଶୀ ଓ ଧାନଜମିରେ ଫାଶ ବସାଇବା ସହ ଖାଦ୍ୟରେ ନିଶାଯୁକ୍ତ ପଦାର୍ଥଦେଇ ପକ୍ଷୀଙ୍କୁ ଧରିନେଉଛନ୍ତି। ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ପକ୍ଷୀମାନଙ୍କ ସୁରକ୍ଷା ପାଇଁ ଚିଲିକାରେ କଡ଼ାକଡ଼ି ବ୍ୟବସ୍ଥା କରାଯାଇଥିବା ବେଳେ ଉତ୍ତରନାଶୀରେ ସୁରକ୍ଷା ବ୍ୟବସ୍ଥା ଢିଲା ଥିବାରୁ ଶିକାରୀମାନେ ସହଜରେ ଶିକାର କରୁଛନ୍ତି। ତୁରନ୍ତ ବାଲୁଗାଁ ବନ୍ୟପ୍ରାଣୀ ଏଥିପ୍ରତି ଦୃଷ୍ଟି ଦେଇ ସୁରକ୍ଷା ବ୍ୟବସ୍ଥା କରିବାକୁ ପକ୍ଷୀ ପ୍ରେମୀମାନେ ଦାବି କରିଛନ୍ତି।



# ପ୍ରଭୁ ବଳଭଦ୍ରଙ୍କ ହରିହର ବେଶ

**ପୁରୀ ଅଫିସ,୧୬।୧୧:**

ରତ୍ନସିଂହାସନରେ ସୋମବାର ବଡଠାକୁର ବଳଭଦ୍ରଙ୍କ ହରିହର ବେଶ ଅନୁଷ୍ଠିତ ହୋଇଛି। କିନ୍ତୁ ଏହି ଦିବ୍ୟ ବେଶକୁ ଶ୍ରଦ୍ଧାଳୁ ଦର୍ଶନ କରିପାରିନାହାନ୍ତି। କରୋନା ପାଇଁ ଶ୍ରଦ୍ଧାଳୁଙ୍କ ମନ୍ଦିର ପ୍ରବେଶ ଉପରେ କଟକଣା ଥିବାରୁ ସେମାନେ ଦର୍ଶନରୁ ବଞ୍ଚିତ ହୋଇଛନ୍ତି। ଅବକାଶ ନୀତି ପରେ ହରିହର ବେଶ ହୋଇଥିଲା। ପୁଷ୍ପାଳକ ସେବକମାନେ ବଳଭଦ୍ରଙ୍କୁ ଏହି ବେଶରେ ସଜ୍ଜିତ କରାଇଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରାଧାଦାମୋଦର ବେଶ ଏବଂ ବଳଭଦ୍ରଙ୍କୁ ହରିହର ବେଶରେ ବିଭୂଷିତ କରାଯାଇଥିଲା। ବଡ ଠାକୁରଙ୍କୁ ହର ବା ଶିବ ବୋଲି ବିବେଚନା କରାଯାଉଥିବାବେଳେ ହରିଙ୍କ ସହ ହରଙ୍କ ଆତ୍ମୀୟତା ଏହି ବେଶରେ ପ୍ରସ୍ଫୁଟିତ ହୋଇଥିଲା। ଶାସ୍ତ୍ରରେ ମଧ୍ୟ ହରି ଏବଂ ହର ଅଭିନ୍ନ ବୋଲି ପ୍ରମାଣ ରହିଛି। ଏହା ହିଁ ହରିହର ବେଶରେ ପରିଲକ୍ଷିତ ହୋଇଥାଏ। ଏହି ବେଶରେ ଠାକୁର ଅର୍ଦ୍ଧେକ କଳା ଓ ଅର୍ଦ୍ଧେକ ଧଳା ବସ୍ତ୍ରରେ ଭୂଷିତ ହୋଇଥାନ୍ତି। ବଳଭଦ୍ର ୩୨ପ୍ରକାର ସୁବର୍ଣ୍ଣ ଅଳଙ୍କାର ପରିଧାନ କରିଥାନ୍ତି। ସୂଚନାଯୋଗ୍ୟ, କାର୍ତ୍ତିକ ଅମାବାସ୍ୟା ପରଠାରୁ ଶୁକ୍ଳ ଦଶମୀ ମଧ୍ୟରେ ଯେଉଁ ସୋମବାର ପଡ଼େ ସେହିଦିନ ବଳଭଦ୍ରଙ୍କ ବାଡ଼ରେ ହରିହର ବେଶ ହୋଇଥାଏ। ଚଳିତ ବର୍ଷ ନଭେମ୍ବର ୧୬ ଓ ୨୩ ତାରିଖ ଦୁଇଦିନ ହରିହର ବେଶ ପଡ଼ିଛି।

# ଖବରଦାତା ହେଉଛନ୍ତି ସମାଜର ଦର୍ପଣ

**ପୁରୀ ଅଫିସ,୧୬।୧୧:**

ଖବରଦାତା ହେଉଛନ୍ତି ସମାଜର ଦର୍ପଣ। ପ୍ରତିକୂଳ ପରିସ୍ଥିତିରେ ଏମାନେ ସତ୍ୟକୁ ସାମ୍ନାକୁ ଆଣିଥାନ୍ତି। ଅନେକ କ୍ଷେତ୍ରରେ ଏମାନଙ୍କୁ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼େ। ତେବେ ଏହାକୁ ଆଗେଇ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ଖବରଦାତାଙ୍କ ଧର୍ମ । ସମ୍ପ୍ରତି କରୋନା ସମୟରେ ଖବରଦାତାମାନେ ଏହାର ପ୍ରମାଣ ଦେବା ସହ କୋଭିଡ୍ ନିୟମ ମାନି ନିର୍ଭୀକତାର ସହ କାର୍ଯ୍ୟ କରିଛନ୍ତି ବୋଲି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି। ଜଗନ୍ନାଥ ବଲ୍ଲଭ ପରିସରରେ ସୋମବାର ପୁରୀ ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳନ ସଭାରେ ଉପଜିଲାପାଳ ଏହା କହିଛନ୍ତି। ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି ସଭାରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। ଖବରଦାତା ଜଗନ୍ନାଥ ବସ୍ତିଆ, ଆଲୋକ ଆଶୁତୋଷ ନାୟକ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ନିରଞ୍ଜନ ମିଶ୍ର, ନୃସିଂହ ଚରଣ ମହାନ୍ତି, ସରୋଜ ମିଶ୍ର ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୁରୁବୀର ସିଂ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ରୀୟ ଜେନା ଧନ୍ୟବାଦ ଦେଇଥିଲେ। ଦି ମିଡିଆ କର୍ତ୍ତବ୍ୟରତ ସାମ୍ବାଦିକ ଓ ଲେଖକ ଫୋରମ୍ ପକ୍ଷରୁ ଭକ୍ତ ସାଲବେଗ ସମାଧି ପୀଠରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଛି। ଫୋରମର ରାଜ୍ୟ ସଭାପତି ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବାବେଳେ ଅଧ୍ୟକ୍ଷ ସରୋଜ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ପୁରୀ ବାର୍ ଆସୋସିଏଶନର ପ୍ରାକ୍ତନ ସଭାପତି ପୁଷ୍କର ମହାପାତ୍ର, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ନାରାୟଣ ସିଂ ଏବଂ ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ପ୍ରଫେସର କାର୍ତ୍ତିକ କୁମାର ଦାସ ଯୋଗ ଦେଇଥିଲେ । ଫୋରମ୍ ସଦସ୍ୟ ପ୍ରଦୀପ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

### ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ବାଲୁଗାଁ,୧୬।୧୧(ଡି.ଏନ୍.ଏ.):** ବାଲୁଗାଁ ଥାନା ଅଧୀନ ରାମପୁର ଛକ ନିକଟରୁ ରବିବାର ରାତିରେ ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ମିଳିନାହିଁ। ତାଙ୍କୁ ପ୍ରାୟ ୫୦ବର୍ଷ ହେବ ବୋଲି ପୋଲିସ କହିଛି। ବ୍ୟକ୍ତି ଜଣକ କିଛି ମାସ ହେବ ଉକ୍ତ ଛକରେ ଥିବା ଏକ ଭଙ୍ଗା କ୍ୟାବିନରେ ରହୁଥିଲେ। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୦) ରୁଜୁକରି ତଦନ୍ତ ଚଳାଇଛି।

### ଡକାୟତି ଯୋଜନା, ୫ ଗିରଫ

**ଡେଲାଙ୍ଗ,୧୬।୧୧(ଡି.ଏନ୍.ଏ.):** ଡକାୟତି ପାଇଁ ଯୋଜନା ପ୍ରସ୍ତୁତି କରୁଥିବା ବେଳେ ଡେଲାଙ୍ଗ ପୋଲିସ ୫ଜଣ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କୁଆପଦା ଗ୍ରାମର ସୁନୀଲ ଜେନା, ଜଟଣୀ ଥାନା ଅଞ୍ଚଳର ସକବତ ଖାନ, ମୋଜାହିଦ ଖାନ, ବାସିରଉଲା ଖାନ ଓ ମୁକ୍ତାର ଖାନ। ସେମାନଙ୍କଠାରୁ ୧ ହାତୁଡ଼ି,୧ ଲୁହାରଡ, ଲଙ୍କା ଗୁଣ୍ଡା, ୨ ଟର୍ଚ୍ଚ, ୩ ବାଇକ୍, ୨ ବୋମା ଜବତ କରିଛି। ଏ ନେଇ ପୋଲିସ ନଂ. ୨୨୦/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଡେଲାଙ୍ଗ ଥାନା ଏସ୍‌ଆଇ ଉପେନ୍ଦ୍ରନାଥ ଦାସ ଟିମ୍ ସଦଳବଳ ପାଟ୍ରୋଲିଂ କରୁଥିଲେ। ସେହି ସମୟରେ କୁଆପଦା ଗ୍ରାମ ନିକଟସ୍ଥ ଲୁହାଗଡ ଛକ ନିକଟରେ ଥିବା ଏକ ଜଙ୍ଗଲିଆ ସ୍ଥାନରେ ଡକାୟତି ଯୋଜନା କରୁଥିବା ଖବର ପାଇଥିଲେ। ସେଠାରେ ପହଞ୍ଚିବାରୁ ସେମାନେ ବୋମା ମାଡ଼ କରିଥିଲେ। ପୋଲିସ ସତର୍କତା ସହ ୫ ଅଭିଯୁକ୍ତଙ୍କୁ ଧରିଥିବାବେଳେ ଅନ୍ୟ ୨ଜଣ ଫେରାର ହୋଇଥିଲେ। ପୋଲିସ ୫ଜଣଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି।

# ହରପ୍ରସାଦ ଦାସ ପାଇବେ କୋଣାର୍କ ସାହିତ୍ୟ ସମ୍ମାନ

**କୋଣାର୍କ,୧୬।୧୧(ଡି.ଏନ୍.ଏ.):**

କୋଣାର୍କ ଉତ୍ସବ-୨୦୨୦ ଅବସରରେ ରାଜ୍ୟ ପର୍ଯ୍ୟଟନ ବିଭାଗ ସହାୟତାରେ କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ 'ସାହିତ୍ୟ ଆସର' ଆୟୋଜନ ହେବ। ଡିସେମ୍ବର ୪ତାରିଖ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ହେବାକୁ ଥିବା ଏହି ଆସରରେ ଆଲୋଚନାଚକ୍ର, କବିତାପାଠ ଓ ସାରସ୍ୱତ ସାଧକଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହେବ। ଚଳିତବର୍ଷ ବିଶିଷ୍ଟ କଥାକାର ହରପ୍ରସାଦ ଦାସଙ୍କୁ କୋଣାର୍କ ସାହିତ୍ୟ ସମ୍ମାନ, ପଦ୍ମବିଭୂଷଣ ଶିଳ୍ପୀ ତଥା ରାଜ୍ୟ ସଭା ସଦସ୍ୟ ରଘୁନାଥ ମହାପାତ୍ରଙ୍କୁ 'ଧରମା' ସମ୍ମାନ ଏବଂ ପଦ୍ମଶ୍ରୀ କୁମକୁମ ମହାନ୍ତିଙ୍କୁ କୋଣାର୍କ ଉତ୍ସବ ସମ୍ମାନ ପ୍ରଦାନ କରାଯିବ ବୋଲି କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ସୂଚନା ଦେଇଛନ୍ତି। ସଂସ୍କୃତି ଗବେଷକ ସୁନୀଲ ରଥଙ୍କୁ ଅର୍କପ୍ରଜ୍ଞା ସମ୍ମାନ, କବୟିତ୍ରୀ ସୁଶ୍ରୀ ହରପ୍ରିୟା ସାହୁଙ୍କୁ ମା'ରୁକ୍ମିଣୀ ଦେବୀ ସ୍ମୃତି ସମ୍ମାନ, ଚିତ୍ରଶିଳ୍ପୀ ମାନମୟୀ ଦାଶଙ୍କୁ କୋଣାର୍କ କଳା ସମ୍ମାନ ଓ କର୍ଣ୍ଣଶିଳ୍ପୀ ଜୟଦେବ ମିଶ୍ରଙ୍କୁ ଅର୍କସ୍ୱର ସମ୍ମାନ ପ୍ରଦାନ କରାଯିବ। ସାହିତ୍ୟ ପତ୍ରିକା 'ଧରମା' ଏଥର ବିଳମ୍ବରେ ପ୍ରକାଶ ପାଇବ ବୋଲି ସଂସଦ ପକ୍ଷରୁ ସୂଚନା ଦିଆଯାଇଛି। କୋଣାର୍କ ସାହିତ୍ୟ ସଂସଦ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ପୌରୋହିତ୍ୟରେ ପ୍ରକାଶଚନ୍ଦ୍ର ଖଟୋଇ, ସ୍ୱର୍ଣ୍ଣଲତା ତ୍ରିପାଠୀ, ମହେନ୍ଦ୍ର ଦାଶ, ଚିତ୍ତରଞ୍ଜନ ବିଶ୍ୱାଳ, ଗୁରୁ ଜୟକୃଷ୍ଣ ନାୟକ, ରବୀନ୍ଦ୍ର ପ୍ରଧାନ ଓ ରାମକୃଷ୍ଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# 'ପ୍ରାଣନାଥ ଖୋର୍ଦ୍ଧା ମାଟିର ଗୌରବ'

**ଖୋର୍ଦ୍ଧା ଅଫିସ/କଣାସ, ୧୬।୧୧ (ଡି.ଏନ.ଏ./ ସ୍ୱ.ପ୍ର.):**

ପ୍ରାଣନାଥ ସ୍ମୃତି ସଂସଦ ପକ୍ଷରୁ ଖୋର୍ଦ୍ଧା ମାଟିର ଗୌରବ, ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକଙ୍କ ଜୟନ୍ତୀ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କୋଅପରେଟିଭ ଛକରେ ଥିବା ପ୍ରାଣନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସ୍ମୃତି ଚାରଣ କରିଥିଲେ। ଖୋର୍ଦ୍ଧା ମାଟି ପାଇଁ ତାଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଶିକ୍ଷାବିତ୍ କ୍ଷୀରୋଦ ପ୍ରସାଦ ମହାନ୍ତି, ପିଏନ୍ କଲେଜ ଅଧ୍ୟକ୍ଷ ମନୋରଞ୍ଜନ ସେନାପତି, ଉପାଧ୍ୟକ୍ଷ ମନୋଜ ରାଉତ, ଶିକ୍ଷାବିତ୍ ଗୋପାଳ ଚନ୍ଦ୍ର ଦାସ, ରୋଟାରିୟାନ ମିହିର କୁମାର ନାୟକ, ସାମାଜିକ କର୍ମୀ ବିମଳ ଚନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପିଏନ୍ କଲେଜ ଏନ୍‌ସିସି ଏବଂ ସ୍କାଉଟ ଆଣ୍ଡ ଗାଇଡ କ୍ୟାଡେଟସ୍ ଯୋଗଦେଇଥିଲେ। ବିକାଶ ପରିଷଦ, କଣାସ ପକ୍ଷରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ପ୍ରାଣନାଥ ଜୟନ୍ତୀ ପାଳିତ ହୋଇଛି । ଏଥିରେ ପରିଷଦର ସଭାପତି ପ୍ରଭାକର ମଙ୍ଗରାଜ ସଭାପତିତ୍ୱ କରିଥିଲେ । ତହସିଲଦାର ଲକ୍ଷ୍ମୀଧର ମହାରଣା ମୁଖ୍ୟ ଅତିଥି ଓ ବିଡିଓ ଲୋଚନ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରାଣନାଥଙ୍କ ସ୍ମୃତିଚାରଣ କରିଥିଲେ। ସମ୍ପାଦକ ଲିଙ୍ଗରାଜ ପରିଡା, ବିଭୂତି ଭୂଷଣ ପଟ୍ଟନାୟକ, ଯୁଧିଷ୍ଠିର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।



ଖୋର୍ଦ୍ଧା କୋଅପରେଟିଭ ଛକସ୍ଥିତ ପ୍ରାଣନାଥ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି ।

# ସାମ୍ବାଦିକଙ୍କ ସୁରକ୍ଷା ଉପରେ ଗୁରୁତ୍ୱ

**ପିପିଲି/କୋଣାର୍କ/ବ୍ରହ୍ମଗିରି, ୧୬।୧୧(ଡି.ଏନ୍.ଏ.):**

ପିପିଲିସ୍ଥିତ ଶ୍ରୀକିଷ୍ଣା ଗାର୍ଡେନରେ ଉତ୍କଳମଣି ସାମ୍ବାଦିକ ସଂଘ ଓ ପିପିଲି ପ୍ରେସ୍ କ୍ଲବ ମିଳିତ ଆନୁକୂଲ୍ୟରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ 'କରୋନା ଯୁଦ୍ଧରେ ଗଣମାଧ୍ୟମର ଭୂମିକା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ସାମ୍ବାଦିକ ସୁରକ୍ଷାକୁ ନେଇ ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଓ ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୂତି ଭୂଷଣ କର ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ଭୁବନେଶ୍ୱର ସାମ୍ବାଦିକ ଜିଲା ସଭାପତି ପ୍ରତାପ ପ୍ରଧାନ, ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ପ୍ରଫୁଲ୍ଲ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମାନବାଧିକାର କର୍ମୀ ଶ୍ରୀଅଖଣ୍ଡ ଧନ୍ୟବାଦ ଦେଇଥିଲେ। କୋଣାର୍କ ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ପ୍ରେସ ଦିବସ ପାଳିତ ହୋଇଯାଇଛି। ରାଜେଶ ମହାନ୍ତିଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସାମ୍ବାଦିକ ଅକ୍ଷୟ ନାୟକ, ମହେଶ୍ୱର ସାମଲ, ମାନସ ରଞ୍ଜନ ପାତ୍ର, ଉପସଭାପତି ଭାଗୀରଥି ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଆଇନଜୀବୀ ମାଧବାନନ୍ଦ ପତି, ସନ୍ତୋଷ ରାୟ, ନିରଞ୍ଜନ ବାରିକ ପ୍ରମୁଖ କର୍ମକର୍ତ୍ତା ସାମିଲ ଥିଲେ। ପ୍ରେସ ସ୍ୱାଧୀନତା, ସଙ୍କଟରେ ସାମ୍ବାଦିକତା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମନୋରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ। ବ୍ରହ୍ମଗିରି ପ୍ରେସ୍ କ୍ଲବ ସଭାପତି ସତ୍ୟନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ପ୍ରେସ୍ ଦିବସ ପାଳନ କରାଯାଇଛି। ରବିନାରାୟଣ ପୂଜାରୀ, ସ୍ୱାଧୀନ ଚମ୍ପତି ରାୟ, ତନୁଜ ସାହୁ, ଅଭିଜିତ ପାତ୍ର, ଦେବାଶିଷ ଦାସ, ଶଙ୍କର୍ଷଣ ସାହୁ, ଅମୂଲ୍ୟ ସୁନ୍ଦରା ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଆଜି

**ପୁରୀ ଅଫିସ,୧୬।୧୧**

**୨୦୨୦-୨୧ ବଜେଟ ଅଟକଳ ଅନୁମୋଦନ ହେବ**

ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ ମଙ୍ଗଳବାର ଅନୁଷ୍ଠିତ ହେବ। ନୀଳାଦ୍ରି ଭକ୍ତ ନିବାସ ସଭାଗୃହରେ ପୂର୍ବାହ୍ନ ସାଢେ ୧୦ଟାରେ ହେବାକୁ ଥିବା ଏହି ବୈଠକରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା କରାଯିବ। ମୁଖ୍ୟତଃ ଏଥିରେ ଶ୍ରୀମନ୍ଦିରର ୨୦୧୯-୨୦ ଆର୍ଥିକ ବର୍ଷର ସଂଶୋଧିତ ଅଟକଳ ଏବଂ ୨୦୨୦-୨୧ ବର୍ଷ ବଜେଟ ଅଟକଳ ଅନୁମୋଦନ କରାଯିବ। ପ୍ରତିବର୍ଷ ପ୍ରାୟ ମାର୍ଚ୍ଚ ମାସରେ ଶ୍ରୀମନ୍ଦିର ବଜେଟ୍ ଉପସ୍ଥାପନ କରାଯାଇଥାଏ। ମାତ୍ର ଚଳିତବର୍ଷ କରୋନା ମହାମାରୀ ପାଇଁ ବଜେଟ୍ ବହୁ ବିଳମ୍ବ ହୋଇଛି। ଗତ ମାର୍ଚ୍ଚ ୩୦ ତାରିଖରେ ଅର୍ଥ ସବ୍ କମିଟି ବୈଠକରେ ୨୦୨୦-୨୧ ଆର୍ଥିକ ବର୍ଷ ଲାଗି ଅନ୍ତରୀଣ ବଜେଟ୍ ଆଗତ କରାଯାଇଥିଲା। ମଙ୍ଗଳବାର ବୈଠକରେ ୨୦୨୦-୨୧ ବର୍ଷ ବଜେଟ ଅଟକଳ ଅନୁମୋଦନ କରାଯିବ। ଏତଦ୍‌ବ୍ୟତୀତ ଶ୍ରୀମନ୍ଦିରରେ କାର୍ତ୍ତିକ ମାସର ନୀତି ଏବଂ ମହାପ୍ରଭୁଙ୍କ ନାଗାର୍ଜୁନ ବେଶ ସଂକ୍ରାନ୍ତରେ ମଧ୍ୟ ଆଲୋଚନା ହେବ। ସେହିପରି ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବେଶ ନେଇ ଆଲୋଚନା ହେବାର ସମ୍ଭାବନା ରହିଛି।

# ଟ୍ରାଫିକ ସମସ୍ୟା ସମାଧାନ ନେଇ ବୈଠକ

**ବାଲୁଗାଁ,୧୬।୧୧(ଡି.ଏନ୍.ଏ.):**

ବାଲୁଗାଁ ସହରରେ ଟ୍ରାଫିକ ସମସ୍ୟା ସମାଧାନ ନେଇ ସୋମବାର ସ୍ଥାନୀୟ ଥାନା ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୋଲିସ ପକ୍ଷରୁ ଏକ ଗାଇଡ୍‌ଲାଇନ ପ୍ରସ୍ତୁତ ହୋଇଛି। ବଜାରରୁ ଉଠାଦୋକାନୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର, ଗାଡି ପାର୍କିଂ ଲାଗି ସ୍ଥାନ ନିରୂପଣ ଏବଂ ରାସ୍ତାକୁ ମାଡ଼ି ଆସିଥିବା ବ୍ୟବସାୟିକ ଅନୁଷ୍ଠାନକୁ ଆସନ୍ତା ୩୦ତାରିଖ ମଧ୍ୟରେ ଉଚ୍ଛେଦ କରିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ଥାନାଧିକାରୀ ରମାକାନ୍ତ ମହାଳିକ, ଏସ୍‌ଡିପିଓ ସୁରେଶ ଦାଶ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆକୃତି ଗୋଏଙ୍କା ବ୍ୟବସାୟ ସଂଘ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# 'କୋଭିଡ୍ ମହାମାରୀ ସମୟରେ ଗଣମାଧ୍ୟମର କାର୍ଯ୍ୟ ପ୍ରଶଂସନୀୟ'

**ଖୋର୍ଦ୍ଧା ଅଫିସ,୧୬।୧୧:**

ଜାତୀୟ ପ୍ରେସ ଦିବସ ଅବସରରେ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ୱେବିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସନତ ମହାନ୍ତି ଅଧ୍ୟକ୍ଷତା କରିଥିଲେ। 'କୋଭିଡ୍-୧୯ ସମୟରେ ଗଣମାଧ୍ୟମର ଭୂମିକା ଏବଂ ଗଣମାଧ୍ୟମ ଉପରେ ପ୍ରଭାବ' ଶୀର୍ଷକ ଆଲୋଚନାଚକ୍ର ଉପରେ ଜିଲାପାଳ ମହାନ୍ତି ଆଲୋକପାତ କରିଥିଲେ। ଦେଶର ଅଖଣ୍ଡତା, ଏକତା ବଜାୟ ରକ୍ଷା କରିବା କ୍ଷେତ୍ରରେ ଗଣମାଧ୍ୟମ ନିଜ କାର୍ଯ୍ୟ ସମ୍ପାଦନ କରି ଆସିଛି। କୋଭିଡ୍ ସମୟରେ ଲୋକଙ୍କୁ ସଚେତନ, ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ଆସୁଥିବା ନିର୍ଦ୍ଦେଶନାମା ସମ୍ପର୍କରେ ଜନତାଙ୍କ ନିକଟରେ ପହଞ୍ଚାଇବା ଦିଗରେ ଗଣମାଧ୍ୟମର ଭୂମିକା ପ୍ରଶଂସନୀୟ ବୋଲି ଜିଲାପାଳ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ତମ୍ଭକାର ଉମାଶଙ୍କର ପ୍ରସାଦ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଉତ୍କଳ ସାମ୍ବାଦିକ ସଂଘ, ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ପୂର୍ତ୍ତ ଡାକ ବଙ୍ଗଳାଠାରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ଖବରଦାତା ପ୍ରଭାତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଉପଜିଲାପାଳ ଅଶୋକ ବେହୁରିଆ ମୁଖ୍ୟ ଅତିଥି, ସ୍ତମ୍ଭକାର ଉମା ଶଙ୍କର ପ୍ରସାଦ ମୁଖ୍ୟ ବକ୍ତା, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳ ସମ୍ମାନିତ ବକ୍ତା, ଯୁବ ଉଦ୍ୟୋଗପତି ସଞ୍ଜୟ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଉପଜିଲାପାଳ ବେହୁରିଆ ସାମ୍ପ୍ରତିକ ସମାଜରେ ଖବରଦାତାଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କରୋନା ଯୋଦ୍ଧା ଖବରଦାତା ଲକ୍ଷ୍ମୀଧର ସାହୁ ଏବଂ ପ୍ରତାପ ଦାସଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ଛାପା ଏବଂ ବୈଦ୍ୟୁତିକ ଗଣମାଧ୍ୟମର ବହୁ ଖବରଦାତା ଉପସ୍ଥିତ ଥିଲେ।

# ଯମେଶ୍ୱରଙ୍କୁ ପୂଜି ଭାଇଙ୍କ ଶୁଭ ମନାସିଲେ

**ପୁରୀ ଅଫିସ, ୧୬।୧୧:**

ଭ୍ରାତୃ ଦ୍ୱିତୀୟାରେ ଭଉଣୀମାନେ ଭାଇଙ୍କ ଶୁଭ ମନାସିବା ସହ ମିଷ୍ଟାନ୍ନ ଖୁଆଇ ଖୁସି କରିବାର ପରମ୍ପରା ରହିଛି। ସ୍ୱୟଂ ଯମରାଜଙ୍କୁ ତାଙ୍କ ଭଉଣୀ ଯମୁନା ମିଷ୍ଟାନ୍ନ ଖୁଆଇଥିଲେ। ସେହି ପରମ୍ପରା ଅନୁଯାୟୀ ସୋମବାର ଯମେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିଥିଲେ। ଭଉଣୀମାନେ ପ୍ରଭୁ ଯମେଶ୍ୱରଙ୍କୁ ଆରାଧନା କରି ନିଜ ଭାଇଙ୍କ ଶୁଭ ମନାସି ଥିଲେ। କାର୍ତ୍ତିକ ଅମାବାସ୍ୟାର ଦ୍ୱିତୀୟ ଦିନରେ ଭ୍ରାତୃ ଦ୍ୱିତୀୟା ପାଳନ କରାଯାଏ। ଯମେଶ୍ୱରଙ୍କ ପୀଠରେ ଏହା ପ୍ରମୁଖ ପର୍ବ। ଏଥିପାଇଁ ରାତିରୁ ଦ୍ୱାରଫିଟା ଯାଇ ମନ୍ଦିର ଶୋଧ କରାଯାଇଥିଲା। ପରେ ଆଳତି, ଅବକାଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଆଦି ନୀତି ସମ୍ପନ୍ନ ହୋଇଥିଲା। ପ୍ରଭୁ ଯମେଶ୍ୱରଙ୍କ ଆରାଧନା କରି ଝିଅମାନେ ନିଜ ଭାଇଙ୍କ ଶୁଭ ମନାସି ଥିଲେ। ଏଥିସହ ଯମଙ୍କ ମୂର୍ତ୍ତି ନିକଟରେ ବେଣ୍ଟମୁଆଁ, କଦଳୀ, ଖଇକୋରା ଆଦି ଭୋଗ କରିଥିଲେ। ସେହିପରି ହବିଷିଆଳିମାନେ ସ୍ୱର୍ଗପ୍ରାପ୍ତି ଆଶାରେ ପ୍ରଭୁ ଯମେଶ୍ୱରଙ୍କୁ ଦର୍ଶନ କରିବା ସହିତ ମନ୍ଦିର ପରିସର ଅଶତ୍ଥ ବୃକ୍ଷ ମୂଳେ ନିଶୁଣି ଚିତ୍ର ଆଙ୍କିଥିଲେ।

ଶ୍ରୀକ୍ଷେତ୍ରର ପଞ୍ଚମହାଦେବ (ଯମେଶ୍ୱର, ଲୋକନାଥ, ମାର୍କଣ୍ଡେଶ୍ୱର, କପାଳମୋଚନ ଓ ନୀଳକଣ୍ଠେଶ୍ୱର)ଙ୍କ ମନ୍ଦିର ରହିଛି। ଗୌଡବାଡ଼ ସାହିରେ ପ୍ରତିଷ୍ଠିତ ଶ୍ରୀଯମେଶ୍ୱର ପଞ୍ଚପାଣ୍ଡବଙ୍କ ମଧ୍ୟରେ ଧର୍ମରାଜ ଯୁଧିଷ୍ଠିର ରୂପେ ପରିଗଣିତ। କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା ବା ଯମ ଦ୍ୱିତୀୟା ଏଠାରେ ଆଡମ୍ବର ସହକାରେ ପାଳିତ ହୁଏ। କାର୍ତ୍ତିକ ବ୍ରତଧାରୀମାନେ ଯମେଶ୍ୱରଙ୍କ ଦର୍ଶନ ପାଇଁ ଆସନ୍ତି। ବିଶ୍ୱାସ ରହିଛି ଏହିଦିନ ଯମେଶ୍ୱରଙ୍କୁ ଦର୍ଶନ କଲେ ଯମଦଣ୍ଡ ଭୋଗ କରିବାକୁ ପଡ଼େ ନାହିଁ। ଏଥିସହ ସ୍ୱର୍ଗପ୍ରାପ୍ତି ମଧ୍ୟ ମିଳିଥାଏ। କିନ୍ତୁ ଏଥର କରୋନା କଟକଣା ପାଇଁ ସବୁକିଛି ଫିକା ପଡ଼ିଛି।



ଗୌଡବାଡ ସାହିରେ କାର୍ତ୍ତିକ ବ୍ରତଧାରୀମାନେ ପ୍ରଭୁ ଯମେଶ୍ୱରଙ୍କୁ ପୂଜାର୍ଚ୍ଚନା କରୁଛନ୍ତି ।

### ଭ୍ରାତୃ ଦ୍ୱିତୀୟା ପର୍ବ ପାଳିତ

**ନିରାକାରପୁର, ୧୬।୧୧ (ଡି.ଏନ୍.ଏ.):**

ଖୋର୍ଦ୍ଧା ଜିଲା ଜଙ୍କିଆ ପଞ୍ଚାୟତରେ ରହିଥିବା ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଓଁଶାନ୍ତି ଭବନରେ ସୋମବାର ଭ୍ରାତୃ ଦ୍ୱିତୀୟା ପର୍ବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୦ ଗ୍ରାମରୁ ଆସିଥିବା ଭାଇମାନଙ୍କୁ ବ୍ରହ୍ମକୁମାରୀ ଭଉଣୀମାନେ ରାଜ ରାଜେଶ୍ୱର ବେଶରେ ସଜାଇ ବନ୍ଦାପନା କରି ଦୀର୍ଘାୟୁ କାମନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ରହ୍ମକୁମାରୀ ପ୍ରଭାସିନୀ ଭଉଣୀ ସଂଯୋଜନା କରିଥିବା ବେଳେ ସମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ, ଖବରଦାତା ମାନସ ଚନ୍ଦ୍ର ପଟ୍ଟନାୟକ, ଉମେଶ ପଟ୍ଟନାୟକ, ବିଶ୍ୱଭୂଷଣ ଛୋଟରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ କୃଷ୍ଣଚନ୍ଦ୍ର ନରେନ୍ଦ୍ର, ବ୍ରହ୍ମ କୁମାର ଅଭିମନ୍ୟୁ ଭାଇ ପ୍ରମୁଖ ସହଯୋଗ କରିଥିଲେ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୭ ନଭେମ୍ବର, ୨୦୨୦



## ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ବାଲୁଗାଁ,(ଡି.ଏନ୍.ଏ.): ବାଲୁଗାଁ ଥାନା ଅଧୀନ ରାମପୁର ଛକ ନିକଟରୁ ରବିବାର ରାତିରେ ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ତାଙ୍କୁ ଆନୁମାନିକ ୫୦ବର୍ଷ ହେବ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ବ୍ୟକ୍ତି ଜଣକ କିଛି ମାସ ହେବ ଉକ୍ତ ଛକରେ ଥିବା ଏକ ଭଙ୍ଗା କ୍ୟାବିନରେ ରହି ଆସୁଥିଲେ। ତେବେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୦/୨୦) ରୁଜୁକରି ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ବିଦ୍ୟୁତ୍ ଉପଭୋକ୍ତା ମିଳିତ ମଞ୍ଚର ବିକ୍ଷୋଭ

**କଟକ ସଦର,୧୬।୧୧(ଡି.ଏନ୍.ଏ.):** ବିଦ୍ୟୁତ୍ ବ୍ୟବସ୍ଥାକୁ ଘରୋଇକରଣ ଓ ଶୁଳ୍କ ବୃଦ୍ଧି ପ୍ରତିବାଦରେ ସୋମବାର ବିଦ୍ୟୁତ୍ ଉପଭୋକ୍ତା ମିଳିତ ମଞ୍ଚ ପକ୍ଷରୁ କନ୍ଦରପୁର ବିଦ୍ୟୁତ୍ ସେକ୍ସନ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଉଦୟ କେଶରୀ ବର୍ମା, ରାଜ କିଶୋର ମଲ୍ଲିକ, ପୀତାମ୍ବର ଲେଙ୍କା ଓ ରବୀନ୍ଦ୍ର ଖଟୁଆଙ୍କ ନେତୃତ୍ୱରେ ମଞ୍ଚର କର୍ମୀମାନେ ସେକ୍ସନ ଅଫିସ ସମ୍ମୁଖରେ ପ୍ରତିବାଦ ସଭା କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ସହକାରୀ ପରିଚାଳକଙ୍କୁ ପ୍ରଦାନ କରାଯାଇଥିଲା।

### କରୋନାରେ ୬ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆକ୍ରାନ୍ତ

**କଟକ ସଦର,୧୬।୧୧(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅଧୀନ ୪୨ ମୌଜା ଅଞ୍ଚଳକୁ କିଛିଦିନ ବ୍ୟବଧାନରେ କରୋନା ଫେରିଛି। ଉକ୍ତ ଅଞ୍ଚଳର କୟଳପଡା ପଞ୍ଚାୟତ ୧୩ନଂ. ୱାର୍ଡ ମୁଦୁଲିସାହିରେ ୬ରୁ ଊର୍ଦ୍ଧ୍ୱ ବ୍ୟକ୍ତି କରୋନାରେ ଆକ୍ରାନ୍ତ ହୋଇଛନ୍ତି। ତେଣୁ ସ୍ଥାନୀୟ ସରପଞ୍ଚ ସରୋଜ କୁମାର ନାୟକ ମୁଦୁଲି ସାହିକୁ ନିଷିଦ୍ଧାଞ୍ଚଳ ଘୋଷଣା ପାଇଁ ସୋମବାର ଜିଲାପାଳଙ୍କୁ ସୁପାରିଶ କରିଛନ୍ତି। ଏହା ୧୯ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ନାୟକ ସୁପାରିଶ ପତ୍ରରେ ଉଲ୍ଲେଖ କରିଛନ୍ତି।

### ଦୁର୍ଘଟଣା: ଜଣେ ମୃତ

**ଚୌଦ୍ୱାର,୧୬।୧୧(ଡି.ଏନ୍.ଏ.):** ଟିପିଏମ୍ ଫାଣ୍ଡି ଅଧୀନ ନୂଆପାଟଣା କଫିବାର୍ ଛକ ନିକଟରେ ଅଜଣା ଗାଡି ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟଜଣେ ଗୁରୁତର ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୃତକଙ୍କ ପରିଚୟ ମିଳିପାରି ନ ଥିବାବେଳେ ତାଙ୍କ ଘର କଟକ ନୟାସଡ଼କ ଅଞ୍ଚଳରେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ଫାଣ୍ଡି ଅଧିକାରୀ ମାନସ କୁମାର ମହାରଣା କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ମୃତକ ଓ ଆହତ ଏକ ସ୍କୁଟିରେ ଯାଉଥିବାବେଳେ ଗାଡିଟି ଧକ୍କା ଦେଇ ଫେରାର ହୋଇଯାଇଛି। ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡି ଜବତ କରି ତଦନ୍ତ ଚଳାଇଛି।

### କାର୍ ଧକ୍କାରେ ବୃଦ୍ଧ ଗୁରୁତର

**ବାଲିପାଟଣା,୧୬।୧୧(ଡି.ଏନ୍.ଏ.):** ବାଲିପାଟଣା ଥାନା ଅଧୀନ ମଧୁବନ ଛକ ନିକଟରେ ସୋମବାର ଏକ କାର୍ ଧକ୍କାରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ସେ ହେଲେ ଗାରେଡ଼ିପାଞ୍ଚଣ ଗ୍ରାମର ରାଧାକୃଷ୍ଣ ପରିଡା(୭୫)। ସୂଚନାଥାଉ କି, କୌଣସି କାମରେ ରାଧାକୃଷ୍ଣ ମଧୁବନ ଆଡ଼କୁ ଚାଲି ଚାଲି ଯାଉଥିଲେ। ଏହି ସମୟରେ ଉତ୍ତରା ପଟୁ ଆସୁଥିବା ଏକ କାର ତାଙ୍କୁ ପଛରୁ ଧକ୍କା ଦେଇ ବିଦ୍ୟୁତ୍ ଖୁଣ୍ଟିରେ ପିଟି ହୋଇ ଯାଇଥିଲା। କାର୍‌ରେ ଥିବା ବ୍ୟକ୍ତି ଜଣଙ୍କର କୌଣସି କ୍ଷତି ହୋଇ ନ ଥିବା ବେଳେ ରାଧାକୃଷ୍ଣଙ୍କୁ ଗୁରୁତର ଅବସ୍ଥାରେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି।

### ଚକନାଳରୁ ଜବରଦଖଲ ଉଚ୍ଛେଦ ଦାବି

**ସାଲେପୁର,୧୬।୧୧(ଡି.ଏନ୍.ଏ.):** ସାଲେପୁର ତହସିଲ ଅଧୀନ ଲୁଣାହାର ଗ୍ରାମର ଚାଷଜମିକୁ ଯାଇଥିବା ଚକନାଳକୁ ସ୍ଥାନୀୟ ଅଞ୍ଚଳର କେତେଜଣ ପ୍ରଭାବଶାଳୀ ଲୋକ ଜବରଦଖଲ କରି ରଖିଛନ୍ତି। ଏନେଇ ଗ୍ରାମର ବହୁ ଚାଷୀ ସାଲେପୁର ତହସିଲଦାର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କ ନିକଟରେ ସୋମବାର ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଚକନାଳକୁ ଅବରୋଧ କରି ପାଚେରି ନିର୍ମାଣ କରାଯିବା ସହ ନାଳ ମଝିରେ ବିଦ୍ୟୁତ୍ ଖୁଣ୍ଟ ପୋତାଯାଇଛି। ଘରର ଅଳିଆ ଆବର୍ଜନା ଓ ପାଇଖାନା ପାଣି ଉକ୍ତ ନାଳରେ ଛାଡୁଛନ୍ତି। ଏଥିପାଇଁ ନାଳକୁ ସଫେଇ କରି ଜଳସେଚନ କରିବାକୁ ଚାଷୀମାନେ ଆଗ୍ରହ ପ୍ରକାଶ କରୁନାହାନ୍ତି। ଜଳସେଚନ ଅଭାବରୁ ବହୁ ଚାଷଜମି ପଡ଼ିଆ ପଡିଛି। ତୁରନ୍ତ ଚକନାଳରୁ ଜବରଦଖଲ ଉଚ୍ଛେଦକରି ଜଳସେଚନ ଉପଯୋଗୀ କରିବାପାଇଁ ଚନ୍ଦ୍ରାଦେଇପୁର ସରପଞ୍ଚ ଅନିଲ କୁମାର ଦାସ, ଲୁଣାହାର ଗ୍ରାମର ମନୋରଞ୍ଜନ ଭୂୟାଁ, ନଗେନ୍ଦ୍ର ଭୂୟାଁ, ପ୍ରମୋଦ ଭୂୟାଁ ଓ ରଶ୍ମିରଞ୍ଜନ ଭୂୟାଁ ପ୍ରମୁଖ ଦାବି କରିଛନ୍ତି।

# ବାଟ ପାଲଟିଛି ବସ୍‌ଷ୍ଟାଣ୍ଡ

**ଭୁବନେଶ୍ୱର,୧୬।୧୧**




- ବିଏମ୍‌ସି ଅଧିକାରୀଙ୍କ ଅଜବ ଯୁକ୍ତି
- ଦୋଷ ଖସାଉଛି ଟ୍ରାଫିକ୍ ପୋଲିସ

ସ୍ମାର୍ଟସିଟି ଭୁବନେଶ୍ୱରରେ ଏବେ ସ୍ମାର୍ଟ ଜବରଦଖଲ ବୃଦ୍ଧି ପାଉଛି। ସହରର ହାଟ, ବାଟ ଓ ଘାଟ ଏପରି କି ସାଧାରଣ ଲୋକଙ୍କ ନିତିଦିନିଆ ରାସ୍ତାକୁ ମଧ୍ୟ କବ୍‌ଜା କରାଯାଉଛି। ସୁରକ୍ଷିତ ଯାତାୟାତ ପାଇଁ ରାସ୍ତାକୁ ପ୍ରଶସ୍ତ ଓ ସୁନ୍ଦର କରାଯାଉଥିଲେ ମଧ୍ୟ ଜବରଦଖଲକାରୀମାନେ ତାହାକୁ ବିଗାଡ଼ି ଦେଉଛନ୍ତି। ମାସ ମାସ ଧରି ରାସ୍ତା ଦଖଲ କରି କେଉଁଠି ବସ୍, ଟ୍ରକ୍ ତ ପୁଣି ଆଉ କେଉଁଠି ବିଭିନ୍ନ ପ୍ରକାର ବେପାର ପାଇଁ ଲୋକଙ୍କ ବାଟକୁ ଅବରୋଧ କରାଯାଉଛି। ଫଳରେ ରାଜଧାନୀର ଅଧିକାଂଶ ବାଟ ଏବେ ବସ୍ ଓ ଟ୍ରକ୍ ଷ୍ଟାଣ୍ଡ ପାଲଟିଛି। ବିଶେଷକରି ୟୁନିଟ୍-୯ ମୁଖ୍ୟ ରାସ୍ତା(ରୋଡ୍ ନଂ.୫)କୁ ଦେଖିଲେ ବାସ୍ତବଚିତ୍ର ବାରିହୋଇ ପଡୁଛି। ଉକ୍ତ ଅଞ୍ଚଳର ପ୍ରଭାବଶାଳୀ ବ୍ୟକ୍ତିମାନେ ରାସ୍ତା ଜବରଦଖଲକରି ଅଧିକାରୀଙ୍କୁ ନାନା ପ୍ରକାରର ସୁବିଧା ଯୋଗାଇ ଦେଉଥିବାରୁ ଅଧିକାରୀମାନେ ଚୁପ୍ ରହୁଛନ୍ତି। ଫଳରେ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ଗୋଟିଏ ପାର୍ଶ୍ୱ ବିଏମ୍‌ସି ନୂତନ ବିଲ୍ଡିଂ ଓ କେନ୍ଦ୍ରୀୟ ବିଦ୍ୟାଳୟ ମଧ୍ୟଦେଇ ଜନପଥକୁ ସଂଯୋଗ କରୁଥିବାବେଳେ ଅନ୍ୟ ପାର୍ଶ୍ୱଟି ସଚିବାଳୟ ମାର୍ଗକୁ ଲାଗିଥିବାରୁ ଗାଡିମୋଟର ଚଳାଚଳ ଅଧିକ ରହିଥାଏ। ଏହି ରାସ୍ତାଟି ଗତ ୮ ମାସ ହେବ ବସ୍, ଟ୍ରକ୍, ଅଟୋର ରହଣିସ୍ଥଳ ସହ ବେଆଇନ ବାଲି ଡିପୋ ଓ ଉଠା ଦୋକାନୀଙ୍କ ଆଡ୍ଡାସ୍ଥଳ ପାଲଟିଛି। ବେଳେବେଳେ ୫୦ରୁ ଊର୍ଦ୍ଧ୍ୱ ଭାରି ଯାନ ଦୁଇ ପାର୍ଶ୍ୱରେ ରଖାଯାଉଥିବା ଦେଖାଯାଉଛି। ସରକାରୀ କ୍ୱାର୍ଟର୍ସ ପାର୍ଶ୍ୱ ଅଧିକ କବ୍‌ଜା କରାଯାଉଥିବାରୁ କର୍ମଚାରୀମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ପ୍ରଭାବଶାଳୀ ବସ୍, ଟ୍ରକ୍ ମାଲିକ ଓ ବାଲି ଦଲାଲଙ୍କ ନାଲିଆଖି ସେମାନଙ୍କ ପାଟି ଚୁପ୍ କରିଦେଉଛି। ସେପଟେ ବିଏମ୍‌ସି କମିଶନର, ସ୍ଥାନୀୟ ୱାର୍ଡ ଅଫିସର ଥାନା ଓ ଟ୍ରାଫିକ ପୋଲିସକୁ ଲୋକେ ଅଭିଯୋଗ କରି ଆସୁଥିଲେ ମଧ୍ୟ କିଛି ପଦକ୍ଷେପ ନିଆଯାଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଏମ୍‌ସି କମିଶନରଙ୍କ ମତାମତ ମିଳିପାରି ନ ଥିବାବେଳେ ଅନ୍ୟ କେତେଜଣ ବରିଷ୍ଠ ଅଧିକାରୀ ଅଜବ ଯୁକ୍ତି କରିଛନ୍ତି। କମିଶନର ଜାଣିଛନ୍ତି, ସେ କହିବେ ନ ହେଲେ ଖାରବେଳ ନଗର ପୋଲିସ ଯାହା କରିବା କଥା କରିବ, ଆମେ କିଛି କରିପାରିବୁ ନାହିଁ ବୋଲି ଜଣେ ଅତିରିକ୍ତ କମିଶନର ର୍‍ୟାଙ୍କର ଅଧିକାରୀ ବିରକ୍ତିର ସହ କହିଛନ୍ତି। ତେବେ ଜୋନ୍ ଅତିରିକ୍ତ କମିଶନର ଅଂଶୁମାନ୍ ରଥ କହିଛନ୍ତି, ସମସ୍ୟା ନେଇ ଲିଖିତ ଆକାରରେ ଅଭିଯୋଗ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଟ୍ରାଫିକ୍ ଏସିପି ସ୍ୱସ୍ତିକ ପଣ୍ଡା କହିଛନ୍ତି, କରୋନା କଟକଣା ସହ ଏସବୁ କାର୍ଯ୍ୟ ପାଇଁ ଅଧିକ କର୍ମଚାରୀ ଓ ଗାଡ଼ିର ଆବଶ୍ୟକତା ରହିଛି। ଏସବୁ ଅଭାବରୁ ବର୍ତ୍ତମାନ ସହରରୁ ସବୁ ଜବରଦଖଲ ହଟାଯାଇପାରି ନାହିଁ। ଖୁବ୍‌ଶୀଘ୍ର ଉକ୍ତ ଅଞ୍ଚଳ ସହ ୟୁନିଟ-୪ ଓ ଶହୀଦ ନଗର ଅଞ୍ଚଳରେ ବେଆଇନ ପାର୍କିଂ କରାଯାଉଥିବା ଗାଡ଼ିଗୁଡିକୁ ଜବତ କରିବା ସହ ଗାଡ଼ି ମାଲିକଙ୍କୁ ନୋଟିସ କରାଯିବ ବୋଲି ସେ କହିଛନ୍ତି।

## ସୋସିଓଲୋଜିରେ ଅମ୍ରିତା ଟପ୍ପର

**ଭୁବନେଶ୍ୱର, ୧୬।୧୧(ବ୍ୟୁରୋ)**

ଉତ୍କଳ ବିଶ୍ୱବିଦ୍ୟାଳୟ ଶେଷବର୍ଷ ସ୍ନାତକୋତ୍ତର ସୋସିଓଲୋଜି ବିଭାଗରେ ଅମ୍ରିତା ମହାନ୍ତି ଟପ୍ପର ହୋଇଛନ୍ତି। ତେବେ ସେ ସୋସିଓଲୋଜି ବିଭାଗର ପୂର୍ବ ରେକର୍ଡ ଭାଙ୍ଗି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଅମ୍ରିତାଙ୍କର ସମସ୍ତ ପେପରରେ ୭୬% ମାର୍କ ରହିଥିବା ବେଳେ ପୂର୍ବରୁ ଏହା ୭୩% ଥିଲା। ସେ ବିଜେବି କଲେଜରୁ ସୋସିଓଲୋଜି ଅନର୍ସ ନେଇ ପଢୁଥିଲେ। ଏହି ସଫଳତା ପାଇଁ ସେ ତାଙ୍କ ଅଧ୍ୟାପକ, ଗୁରୁଜନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେ ମଧ୍ୟ ଜଣେ ଭଲ ଚେସ୍ ଖେଳାଳି ଭାବେ ପରିଚିତ। ତାଙ୍କ ପିତା ଅଜୟ ମହାନ୍ତି ବର୍ତ୍ତମାନ ବାଣିଜ୍ୟ ଓ ପରିବହନ ବିଭାଗ ଉପସଚିବ ଥିବା ବେଳେ ମା' ସନ୍ଧ୍ୟାରାଣୀ ମହାନ୍ତି ଚନ୍ଦ୍ରଶେଖରପୁର ସରକାରୀ ବିଦ୍ୟାଳୟରେ ବରିଷ୍ଠ ଶିକ୍ଷୟିତ୍ରୀ ଅଛନ୍ତି।

## ପେନ୍‌ସନଭୋଗୀ ଆସୋସିଏଶନ୍‌ର ପ୍ରତିବାଦ ସଭା

**ଭୁବନେଶ୍ୱର,୧୬।୧୧(ବ୍ୟୁରୋ)**

ଇପିଏଫ୍ ପେନ୍‌ସନ ଯୋଜନାର ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ସୋମବାର ପେନ୍‌ସନ୍ ଭୋଗୀ ଆସୋସିଏଶନ୍‌ର ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ଭୁବନେଶ୍ୱର ଭବିଷ୍ୟନିଧି କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ୍ ପକ୍ଷରୁ ପେନ୍‌ସନ ଭୋଗୀମାନେ ଦୈନନ୍ଦିନ ଜୀବନରେ ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ଆଲୋକପାତ କରାଯାଇଥିଲା। ଆସୋସିଏଶନ୍ ସଭାପତି ବିଜୟ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆଗାମୀ ଦିନରେ ସଂଘ ପକ୍ଷରୁ ନିଆଯିବାକୁ ଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା। ଜିଲା ସମ୍ପାଦକ ମାୟାଧର ମଲ୍ଲିକ ପ୍ରାରମ୍ଭିକ ସୂଚନା ଦେଇଥିଲେ।କ କେନ୍ଦ୍ର ସରକାର ଦାବିଗୁଡିକର ତୁରନ୍ତ ସମାଧାନ ନ କଲେ ତେବେ ଆଗାମୀ ଦିନରେ ବରିଷ୍ଠ ନାଗରିକ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ। ଶତାଧିକ ପେନ୍‌ସନଭୋଗୀ ପ୍ଲାକ୍ କାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ଗଣମାଧ୍ୟମର ପ୍ରୋତ୍ସାହନ ଯୋଗୁ କରୋନାକୁ ମୁକାବିଲା କରାଯାଇପାରିଛି

**କଟକ ଅଫିସ,୧୬।୧୧**

ଜାତୀୟ ପ୍ରେସ୍ ଦିବସ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧ୍ୟକ୍ଷତାରେ ୱେବିନାର ମାଧ୍ୟମରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ପ୍ରେସ୍ ଦିବସ ଅବସରରେ କୋଭିଡ୍-୧୯ ମହାମାରୀ ସମୟରେ ଗଣମାଧ୍ୟମର ଭୂମିକା ଉପରେ ଆଲୋଚନା କରାଯାଇଥିଲା। ଏହି ୯ ମାସର ବିପତ୍ତି ସମୟରେ ଗଣମାଧ୍ୟମ ସାମିଲ ହୋଇ ସମସ୍ତ ସଚେତନତା ଓ ପ୍ରଶାସନିକ ଆଭିମୁଖ୍ୟକୁ ଠିକ୍ ଭାବେ ଲୋକଙ୍କ ପାଖରେ ପହଞ୍ଚାଇ ପାରିଛି ବୋଲି ଜିଲାପାଳ କହିଥିଲେ। ସେ ଆହୁରି କହିଥିଲେ, କରୋନାକୁ ପ୍ରତିହତ କରିବା ପର୍ଯ୍ୟନ୍ତ ଗଣମାଧ୍ୟମର ଭୂମିକା ଯଥେଷ୍ଟ ଅଛି। କରୋନା ପ୍ରଭାବରେ ଖବରକାଗଜ ପ୍ରକାଶନ ଏବଂ ସାଧାରଣ ଜନତାଙ୍କ ପାଖରେ ପହଞ୍ଚାଇବାରେ ଅନେକ ଅସୁବିଧା ଉପୁଜିଛି। ତାହା ସତ୍ତ୍ୱେ ଗଣମାଧ୍ୟମ ବ୍ୟକ୍ତିବିଶେଷ କରୋନା ଯୁଦ୍ଧରେ ସାମିଲ ହୋଇ ନିଜର ସମାଜିକ ଦାୟିତ୍ୱବୋଧତା ରଖିପାରିଛନ୍ତି। ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ମହାମାରୀ ସମୟରେ ଗଣମାଧ୍ୟମର ଭୂମିକାକୁ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ ପ୍ରେସ୍ ଦିବସର ଆଭିମୁଖ୍ୟ ସମ୍ପର୍କରେ ମତ ରଖିଥିଲେ। କଟକ ଜିଲା ସାମ୍ବାଦିକ ସଂଘ ତରଫରୁ ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରିବା, ବୀମା ରାଶି ବୃଦ୍ଧି, ପେନ୍‌ସନ ସମ୍ବନ୍ଧୀୟ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ସହକାରୀ ସୂଚନା ଅଧିକାରୀ ଅଭିରାମ ଦାସ ଧନ୍ୟବାଦ ଦେଇଥିଲେ।



## ମାନବିକତା ଦେଖାଇଲେ ଟ୍ରାଫିକ ପୋଲିସ

**ଭୁବନେଶ୍ୱର,୧୬।୧୧(ବ୍ୟୁରୋ)**

### ଗାଡ଼ି ଅଟକାଇ ରାସ୍ତାରୁ ଗୋଟାଇଲେ ଟମାଟୋ

ପୁଣି ଟ୍ରାଫିକ କର୍ମଚାରୀ ଦେଖାଇଲେ ମାନବିକତା। ଟମାଟୋ ବ୍ୟବସାୟୀଙ୍କୁ ସହାୟତା ପାଇଁ ୨ମିନିଟ୍ ବନ୍ଦ ରହିଲା ରାଜଧାନୀର ପ୍ରମୁଖ ଟ୍ରାଫିକ ପୋଷ୍ଟ। ଏଭଳି ଘଟଣା ସୋମବାର ଭୁବନେଶ୍ୱର ଏୟାରପୋର୍ଟ ଛକରେ ଦେଖିବାକୁ ମିଳିଛି। ପୂର୍ବାହ୍ନ ପ୍ରାୟ ୧୦ଟାରେ ଜଣେ ବ୍ୟବସାୟୀ ଗାଡ଼ିରେ ଟମାଟୋ ନେଇ ୟୁନିଟ-୧ ପଟୁ ଗଙ୍ଗାନଗର ଛକ ଅଭିମୁଖେ ଯାଉଥିଲେ। ହଠାତ୍ ଏୟାରପୋର୍ଟ ଟ୍ରାଫିକ ଛକରେ କୌଣସି କାରଣରୁ ଭାରସାମ୍ୟ ହରାଇ ଖସିପଡିଥିଲେ। ଫଳରେ ଟମାଟୋଗୁଡ଼ିକ ଟ୍ରାଫିକ ପୋଷ୍ଟରେ ଚାରିଆଡେ ବିଛେଇ ହୋଇପଡିଥିଲା। ଗାଡ଼ି ଚାପାରେ ଟମାଟୋ ନଷ୍ଟ ହେବା ଆଶଙ୍କାରେ ଉପସ୍ଥିତ ଦୁଇ ଟ୍ରାଫିକ କନଷ୍ଟେବଳ ସନ୍ଦିପ୍ ଜେନା ଏବଂ ରାକେଶ ବାରିକ ତୁରନ୍ତ ସବୁ ଦିଗରୁ ଆସୁଥିବା ଗାଡ଼ିଗୁଡିକୁ ଅଟକାଇ ଦେଇଥିଲେ। ପରେ ଦୁଇ ଟ୍ରାଫିକ କର୍ମଚାରୀ ରାସ୍ତାରେ ପଡ଼ିଥିବା ଟମାଟୋଗୁଡ଼ିକୁ ଗୋଟାଇବାକୁ ଆରମ୍ଭ କରିଥିଲେ। ଟ୍ରାଫିକ କର୍ମଚାରୀଙ୍କ ମହାନୀୟତା ଦେଖି ଟ୍ରାଫିକରେ ଅଟକିଥିବା କେତେଜଣ ବ୍ୟକ୍ତି ସହଯୋଗର ହାତ ବଢାଇଥିଲେ। ପରେ ଗୋଟିଏ ପରେ ଗୋଟିଏ ରୁଟ୍ କ୍ଲିୟର ପରେ ଟ୍ରାଫିକ ପରାଚଳନା ସ୍ୱାଭାବିକ ହୋଇଥିଲା। ଏହି ସମୟର ଦୃଶ୍ୟ କେହି ଉତ୍ତୋଳନ କରି ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ଏହା ଭାଇରାଲ ହେବାରେ ଲାଗିଛି। କମିଶନରେଟ ପୋଲିସର କର୍ମଚାରୀଙ୍କ ଏଭଳି କାର୍ଯ୍ୟ ପ୍ରଶଂସା ଯୋଗ୍ୟ ହୋଇପାରିଛନ୍ତି। ସୂଚନାଥାଉ କି, କିଛିଦିନ ପୂର୍ବେ କଟକରେ ଯାତ୍ରୀଙ୍କ ସୁବିଧା ପାଇଁ ରାସ୍ତାରେ ପଡ଼ିଥିବା ବଜୁରିକୁ ଜଣେ ଟ୍ରାଫିକ କର୍ମଚାରୀ ଝାଡୁ ମାରିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହାକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଥିଲା।

## ୧୨ କେଜି ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୬।୧୧(ବ୍ୟୁରୋ)**

ଭୁବନେଶ୍ୱର ରେଳ ଷ୍ଟେଶନରୁ ହାଓଡାକୁ ଟ୍ରେନରେ ଗଞ୍ଜେଇ ଚାଲାଣ କରୁଥିବା ଜଣେ ଅଭିଯୁକ୍ତଙ୍କୁ ସୋମବାର ଆରପିଏଫ ପୋଲିସ ଗିରଫ କରିଛି। ସେ ହେଲେ ପଶ୍ଚିମବଙ୍ଗର ରବିବୁଲ ଆଲମ। ତାଙ୍କ ନିକଟରୁ ୧୨ କେଜି ଗଞ୍ଜେଇ ଜବତ ହୋଇଛି। ସୂଚନା ମୁତାବକ, ଭୁବନେଶ୍ୱର ଷ୍ଟେଶନର ମୁଖ୍ୟ ଦ୍ୱାରରେ ପ୍ରବେଶ ବେଳେ ରବିବୁଲଙ୍କ ଲଗେଜ ଯାଞ୍ଚ ହୋଇଥିଲା। ଆରପିଏଫ୍ ଷ୍ଟାଫଙ୍କ ସନ୍ଦେହ ହେବାରୁ ବ୍ୟାଗକୁ ଯାଞ୍ଚ କରିବାରୁ ସେଥିରୁ ୧୨କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ ହୋଇଥିଲା। ଏ ନେଇ ଆରପିଏଫ ଅଭିଯୁକ୍ତଙ୍କୁ ପଚରାଉଚରା ପରେ ଜିଆରପି ପୋଲିସକୁ ହସ୍ତାନ୍ତର କରିଛି। ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ।

## ସ୍କୁଲ ସ୍ଥାନାନ୍ତର ନିଷ୍ପତ୍ତିକୁ ଗ୍ରାମବାସୀଙ୍କ ବିରୋଧ

**ସାଲେପୁର, ୧୬।୧୧(ଡି.ଏନ୍.ଏ.)**

ସାଲେପୁର ଶିକ୍ଷାମଣ୍ଡଳ ଅନ୍ତର୍ଗତ ସତ୍ୟଭାମାପୁର ପଞ୍ଚାୟତ ଅଧୀନ ମାଳିହତା ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ହୋଇଛି। ଏହି ବିଦ୍ୟାଳୟକୁ ୨ କିଲୋମିଟର ଦୂରରେ ଥିବା ଗୋପୀନାଥପୁର ବିଦ୍ୟାଳୟ ସହ ମିଶ୍ରଣ କରାଯାଇଛି। ଉକ୍ତ ନିଷ୍ପତ୍ତିକୁ ଗ୍ରାମବାସୀ ସୋମବାର ବିରୋଧ କରି ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇ ପ୍ରତିବାଦ କରିଛନ୍ତି। ଶିକ୍ଷାବିତ୍ ଭାଗ୍ୟଧର ମହାନ୍ତି ଏହାର ନେତୃତ୍ୱ ନେଇଥିଲେ। ମାଳିହତା ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା କମ୍‌ଥିବାରୁ ଏହାକୁ ମିଶ୍ରଣ କରିବାକୁ ସ୍ଥିର କରାଯାଇଛି। ପ୍ରତିବାଦ ସମୟରେ ସତ୍ୟଭାମା ମହାନ୍ତି, ହେମଲତା ମହାନ୍ତି, ପ୍ରଭାସିନୀ ସାମଲ ଓ ସନ୍ଧ୍ୟାରାଣୀ ଦାସ ପ୍ରମୁଖ ସାମିଲ ହୋଇଥିଲେ।

## ଶିଶୁ ଅନୁଷ୍ଠାନ ସହ ଯୋଡ଼ିହେଲେ ଜିଲାପାଳ

**କଟକ ଅଫିସ,୧୬।୧୧**

### ଶିଶୁ ଅଧିକାର ସପ୍ତାହ

ଶିଶୁ ଅଧିକାର ସପ୍ତାହ କାର୍ଯ୍ୟକ୍ରମକୁ ଜିଲାପାଳ ଭବାନୀ ଶଙ୍କର ଚୟନୀ ସୋମବାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଜିଲାପାଳ ଜୁମ୍ ଲିଙ୍କ୍ ମାଧ୍ୟମରେ ବିଭିନ୍ନ ଶିଶୁ ଅନୁଷ୍ଠାନ ସହିତ ଯୋଡିହେବା ସହ ନିରବଚ୍ଛିନ୍ନ ଚେଷ୍ଟା କରିବା ହିଁ ସଫଳତାର ମନ୍ତ୍ର ବୋଲି ପିଲାଙ୍କୁ ବୁଝାଇଥିଲେ। ପରେ ଶିଶୁ ସୁରକ୍ଷା ବିଶେଷାଙ୍କ ସୁରକ୍ଷା ସ୍ୱରର ଦ୍ୱିତୀୟ ସଂସ୍କରଣକୁ ଜିଲାପାଳ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା ମନ୍ଦାକିନୀ ଜେନା, ଚିତ୍ତରଞ୍ଜନ ମହାନ୍ତି, ଅମିୟ ଭୂଷଣ ବିଶ୍ୱାଳ, ଶ୍ରୀକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ବିଭିନ୍ନ ଶିଶୁ ଅନୁଷ୍ଠାନରୁ ମନୋନୀତ ୩ ଜଣ କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ ଓ ଅଭିରାମ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ।




ଶିଶୁ ଅଧିକାର ସପ୍ତାହ ପାଳନ ଅବସରରେ ଜିଲାପାଳ ଭବାନୀ ଶଙ୍କର ଚୟନୀ 'ସୁରକ୍ଷା ସ୍ୱର'ର ସ୍ୱତନ୍ତ୍ର ସଂଖ୍ୟାକୁ ଉନ୍ମୋଚନ କରୁଛନ୍ତି।

## 'ସମାଜର ମଙ୍ଗଳ ହେବା ଭଳି ଖବର ଛପାଯାଉ'

**ପୁରୁଣା ଭୁବନେଶ୍ୱର, ୧୬।୧୧(ଡି.ଏନ୍.ଏ.)**

ସମାଜର ମଙ୍ଗଳ ହେବା ଭଳି ଖବର ଛାପିଲେ ଖବରଦାତାଙ୍କ ମାନ ବଢ଼ିବ ବୋଲି ସୋମବାର ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଜାତୀୟ ପ୍ରେସ୍ ଦିବସ ଅବସରରେ ଭୁବନେଶ୍ୱର ପାନ୍ଥନିବାସ ଅଡିଟୋରିୟମରେ ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ସ୍ୱାଇଁ ଯୋଗଦେଇ ଏହା କହିଛନ୍ତି। ସଭାରେ ମୁଖ୍ୟ ବକ୍ତାଭାବେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ ଦାସ, ସମ୍ମାନିତ ଅତିଥି ବିଧାୟକ ପ୍ରଶାନ୍ତ ମୁଦୁଲି, ସଂଘ ଯୁଗ୍ମ ସମ୍ପାଦକ ପବିତ୍ର ପାତ୍ର ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବିଶିଷ୍ଟ ସାହିତ୍ୟିକ ରମେଶ ଚନ୍ଦ୍ର ପ୍ରଧାନ, ସାମାଜିକ କର୍ମୀ ଅରୁଣ ଗାଙ୍ଗୁଲି, ଭୀଷ୍ମନାରାୟଣ ନାୟକ, ସାମ୍ବାଦିକ ବୁଦ୍ଧନାଥ ସ୍ୱାଇଁ, ଶରତ ଜୟସିଂହ, ଶିକ୍ଷାବିତ୍ ଚୈତନ୍ୟ ନାଳି, ବନ୍ଦନା ପଣ୍ଡା, ତପନ ନାୟକ, ଦୀନବନ୍ଧୁ ଦାସ, ଆଇନଜୀବୀ ଏସ୍. କେ. ଆଲାମଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘ ସଭାପତି ସୁଜ୍ଞାନ ଚୌଧୁରୀ ସଭା ପୌରୋହିତ୍ୟ କରିଥିବା ବେଳେ ସଂଘ ଉପସଭାପତି ଆଶୁତୋଷ ରଥ ଧନ୍ୟବାଦ ଦେଇଥିଲେ। ଶ୍ୟାମ ସୁନ୍ଦର ରାଉତ, ଦୀପକ କୁମାର ପୃଷ୍ଟି ପ୍ରମୁଖ ସଭା କାର୍ଯ୍ୟ ପରିଚାଳାନା କରିଥିଲେ।

## ପଞ୍ଚାୟତ ସମିତି ବୈଠକ ଡକାଯାଉ

**କଟକ ସଦର,୧୬।୧୧(ଡି.ଏନ୍.ଏ.)**

### ବିଡିଓଙ୍କୁ ପତ୍ର ଲେଖିଲେ ଅଧ୍ୟକ୍ଷା

କଟକ ସଦର ପଞ୍ଚାୟତ ସମିତିର ସାଧାରଣ ବୈଠକ ଡାକିବା ପାଇଁ ରବିବାର ଅଧ୍ୟକ୍ଷା ଶ୍ରୀମନ୍ତିନୀ ବେହେରା ବିଡିଓଙ୍କୁ ପତ୍ର ଲେଖିଛନ୍ତି। କରୋନା ପାଇଁ ଗତ ମାର୍ଚ୍ଚ ପରଠାରୁ ବୈଠକ ନ ହେବା ପରିପ୍ରେକ୍ଷୀରେ ଏହି ପତ୍ର ଲେଖାଯାଇଛି। ଏହି ବୈଠକରେ ୨୦୧୮-୧୯, ୨୦୧୯-୨୦ ଓ ୨୦୨୦-୨୧ ପଞ୍ଚାୟତ ସମିତି ପାଣ୍ଠି ପାଇଁ ଚୁଡାନ୍ତ ପ୍ରକଳ୍ପ ତାଲିକା ମଞ୍ଜୁର କରାଯିବ। ୩ ବର୍ଷ ଧରି ସମିତି ପ୍ରକଳ୍ପ ତାଲିକାର ଗୃହରେ ଅନୁମୋଦନ ହୋଇ ନ ଥିବାରୁ କାର୍ଯ୍ୟ ହୋଇପାରୁନାହିଁ। ୨୦୧୮ ମାର୍ଚ୍ଚ ୫ରେ ଶେଷଥର ଲାଗି ବୈଠକ ଡକାଯାଇଥିଲା। ଏଥିରେ ପାଟିତୁଣ୍ଡ ହେବାରୁ କୌଣସି ପ୍ରସ୍ତାବ ଗୃହୀତ ହୋଇ ନ ଥିଲା। ଏହାପରେ ୨ ଥର ବୈଠକ ଡକାଯାଇଥିଲେ ମଧ୍ୟ କୋରମ ଅଭାବରୁ ବାତିଲ କରାଯାଇଥିଲା। ଏହି ଛକାପଞ୍ଝା ମଧ୍ୟରେ ଆସନ୍ତା ବୈଠକଟି ଗୁରୁତ୍ୱ ବହନ କରୁଛି। କଟକ ସଦର ବ୍ଲକର ୧୨ଟି ପଞ୍ଚାୟତକୁ କଟକ ମହାନଗର ନିଗମରେ ମିଶାଇବା ପାଇଁ ସରକାରଙ୍କ ଯୋଜନା ରହିଛି। ଏହା ଚୁଡାନ୍ତ ହେଲେ ବାଦ୍ ପଡୁଥିବା ପଞ୍ଚାୟତରେ ଆଉ ଅର୍ଥ ଖର୍ଚ୍ଚ ହୋଇପାରିବନାହିଁ। ତେଣୁ ସମିତି ବୈଠକ ଡାକିବା ନିହାତି ଜରୁରୀ ହୋଇପଡିଛି।

## ୧୪ ଦଫା ଦାବିରେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା

**କଣ୍ଟାପଡା, ୧୬।୧୧(ଡି.ଏନ୍.ଏ.)**

୧୪ ଦଫା ଦାବି ନେଇ ଭାଜପା ପକ୍ଷରୁ କଣ୍ଟାପଡା ବ୍ଲକ ସମ୍ମୁଖରେ ସୋମବାର ଧାରଣା ଦିଆଯାଇଛି। ଅପରାହ୍ନରେ କଣ୍ଟାପଡା ତହସିଲଦାର ଆର୍ତ୍ତତ୍ରାଣ ମଲ୍ଲିକ ଧାରଣା ସ୍ଥଳରେ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ସମାଧାନର ସୂତ୍ର ବାହାରି ପାରିନାହିଁ। ଫଳରେ ଧାରଣା ଜାରି ରହିଛି।

ଗୋବିନ୍ଦପୁର ପଞ୍ଚାୟତ ତରଡପଡା ଗ୍ରାମରେ ଆମ ଗାଁ ଆମ ବିକାଶ ଯୋଜନାରେ ହୋଇଥିବା ଭାଗବତ ଗୋସାଇଁ ଘରର ବିଲ୍ ପ୍ରଦାନରେ ପ୍ରଶାସନ ଟାଳଟୁଳ ନୀତି ଅବଲମ୍ବନ କରିବା, ଉରାଡ଼ ପଞ୍ଚାୟତରେ ଗ୍ରାମ୍ୟ



ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ମହିଳା।

ପରିମଳ ଯୋଜନାରେ ମିଥ୍ୟା ବିଲ୍ କରାଯିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା, ଝାରପଡା ପଞ୍ଚାୟତରେ ବେଆଇନ ଟୋଲ୍ ଆଦାୟ, ଫନୀ ସହାୟତା ପ୍ରଦାନରେ ପାତରଅନ୍ତର କରାଯିବା ଭଳି ବିଭିନ୍ନ ଦାବି ନେଇ ୧୦ ଦିନ ତଳେ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା। ମାତ୍ର ଏହି ଦାବି ସମ୍ପର୍କରେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ପ୍ରତିବାଦରେ ଭାଜପା ନେତା ଛବି ମଲ୍ଲିକଙ୍କ ନେତୃତ୍ୱରେ ଅଶୋକ ରଥ, ବିଶ୍ବ ଜେନା, ପ୍ରଭାତ ମହାପାତ୍ରଙ୍କ ସମେତ ଶତାଧିକ କର୍ମୀ ବ୍ଲକ ସମ୍ମୁଖରେ ଧାରଣା ଦେଇଥିଲେ। ବିଡ଼ିଓ ଛୁଟିରେ ଥିବାରୁ ଭାଜପା କର୍ମୀମାନେ ଉତ୍ୟକ୍ତ ହୋଇ ବ୍ଲକ କାର୍ଯ୍ୟାଳୟରୁ କର୍ମଚାରୀଙ୍କୁ ବାହାର କରି ତାଲା ପକାଇ ଦେଇଥିଲେ। ଦାବିଗୁଡିକର ସମାଧାନ ପାଇଁ ପ୍ରଶାସନ ପଦକ୍ଷେପ ନ ନେଲେ ଆଗାମୀଦିନରେ ଭାଜପା ରାସ୍ତାକୁ ଓହ୍ଲାଇବ ବୋଲି ଦଳ ପକ୍ଷରୁ ଚେତାବନୀ ଦଆଯାଇଛି।

